# ଓଡ଼ିଶା ସାହିତ୍ୟ ଏକାଡେମୀ ସମାଚାର

ODISHA SAHITYA AKADEMI SAMACHAR

78th Issue : January - March 2022 | ସଂଖ୍ୟା ୭୮ : ଜାନୁଆରୀ - ମାର୍ଚ୍ଚ ୨୦୨୨


## ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନ ଶତବାର୍ଷିକୀ ପାଳିତ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନ ଶତବାର୍ଷିକୀ ସମାରୋହ ଭୁବନେଶ୍ୱରସ୍ଥ ରାଜ୍ୟ ସଂଗ୍ରହାଳୟ ସଭାଗୃହରେ ୩୦ ଜାନୁଆରୀ ୨୦୨୨ ପବିତ୍ର ସହିଦ ଦିବସ ଉପଲକ୍ଷେ ଆୟୋଜିତ ହୋଇଯାଇଛି। ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉଦ୍‌ଘାଟକ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଗାନ୍ଧୀବାଦୀ ବିଦ୍ୱାନ ପ୍ରୀତିଶ ଆଚାର୍ଯ୍ୟ, ସମାଜସେବୀ ଓ ସ୍ତମ୍ଭକାର ପ୍ରହଲାଦ ସିଂହ, ଐତିହାସିକ ପ୍ରଫେସର ନିହାରରଞ୍ଜନ ପଟ୍ଟନାୟକ, ରାଜ୍ୟ ସଂଗ୍ରହାଳୟ ଅଧ୍ୟକ୍ଷା ଭାଗ୍ୟଲିପି ମଲ୍ଲ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଏଥିରେ ଏକାଡେମୀର ଉପସଭାପତି ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ରଖିଥିବାବେଳେ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନ ଶତବାର୍ଷିକୀକୁ ସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ଏକାଡେମୀ ପକ୍ଷରୁ ତ୍ରୈମାସିକ ସାହିତ୍ୟ ମୁଖପତ୍ର କୋଣାର୍କର ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନ ଶତବାର୍ଷିକୀ ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏତଦ୍‌ବ୍ୟତୀତ ଏକାଡେମୀ ସମାଚାରର ଦୁଇଗୋଟି ସଂଖ୍ୟା ଲୋକାର୍ପିତ ହୋଇଥିଲା। ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କୋଭିଡ଼୍ ନିର୍ଦ୍ଦେଶାବଳୀ ନିୟମ ଅନୁପାଳନ ପୂର୍ବକ କାର୍ଯ୍ୟକ୍ରମରେ ଅନେକ କବି, ଲେଖକ, ସାହିତ୍ୟିକ, ସାମ୍ବାଦିକ ତଥା ବୁଦ୍ଧିଜୀବୀମାନେ ଯୋଗଦେଇ ଜାତିର ପିତାଙ୍କୁ ସେମାନଙ୍କର ସମ୍ମାନ ପ୍ରଦର୍ଶନ କରିଥିଲେ।

## ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦାୟିତ୍ୱରେ

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ତଥା ଅଭିଜ୍ଞ ପ୍ରଶାସକ ଅତିରିକ୍ତ ମୁଖ୍ୟଶାସନ ସଚିବ ମଧୁସୂଦନ ପାଢ଼ୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦାୟିତ୍ୱ ୧୦ ଜାନୁଆରୀ ୨୦୨୨ଠାରୁ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ଶ୍ରୀ ପାଢ଼ୀ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରି ତାଙ୍କ ଦାୟିତ୍ୱପରାୟଣତା ତଥା କର୍ତ୍ତବ୍ୟନିଷ୍ଠାର ପରାକାଷ୍ଠା ପ୍ରତିପାଦନ କରି ଜଣେ ବିଜ୍ଞ ପ୍ରଶାସକ ଭାବରେ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ସୁଖ୍ୟାତି ଅର୍ଜନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସର୍ବବିଧ ଉନ୍ନତିକଳ୍ପେ ମଧୁସୂଦନଙ୍କ



ଦୀର୍ଘବର୍ଷର ପ୍ରଶାସନିକ ଅଭିଜ୍ଞତା ଓ କର୍ମନିପୁଣତା ବିଶେଷ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଶା କରାଯାଉଛି। ସମୃଦ୍ଧ ପରମ୍ପରା ଓ ଉତ୍କୃଷ୍ଟ ସାଂସ୍କୃତିକ ବିଭାବମଣ୍ଡିତ ରାଜ୍ୟ ଓଡ଼ିଶାର ସଂସ୍କୃତିପ୍ରିୟ ଜନସାଧାରଣଙ୍କ ଆଶା ଓ ଭରସାର ପ୍ରତୀକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଭଳି ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ଭାବରେ ଶ୍ରୀ ପାଢ଼ୀ ଦାୟିତ୍ୱ ଗ୍ରହଣ କରିଥିବାରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ତାଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜ୍ଞାପନ କରାଯାଉଛି।

## ଉତ୍କଳଘଣ୍ଟ ଯଦୁମଣିଙ୍କ ୨୪୧ତମ ରାଜ୍ୟସ୍ତରୀୟ ଜୟନ୍ତୀ

# ଓଡ଼ିଆ ଭାଷା ସାହିତ୍ୟକୁ ଯଦୁମଣିଙ୍କ ରଚନା ଋଦ୍ଧିମନ୍ତ କରିଛି




ନୟାଗଡ଼ ଜିଲ୍ଲା ଇଟାମାଟିଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସ୍ଥାନୀୟ ଯଦୁମଣି କ୍ଲବର ମିଳିତ ସହଯୋଗରେ ତା୦୮.୦୧.୨୦୨୨ରିଖ ଶନିବାର ଦିନ ଯଦୁମଣିଙ୍କ ୨୪୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ଉତ୍କଳଘଣ୍ଟ ଯଦୁମଣି ଓଡ଼ିଆ ଭାଷା ସାହିତ୍ୟକୁ ବହୁ ଭାବରେ ଋଦ୍ଧିମନ୍ତ କରିଛନ୍ତି ବୋଲି ସମାରୋହରେ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ ବକ୍ତାମାନେ ମତପୋଷଣ କରିଛନ୍ତି। ଓଡ଼ିଆ ରୀତି ଓ ବ୍ୟଙ୍ଗ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସାରସ୍ୱତ ସାଧକ ଯଦୁମଣିଙ୍କ କାଳଜୟୀ ରଚନା 'ରାଘବ ବିଳାସ' ଏବଂ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଉତ୍କଳଭାରତୀର ସାରସ୍ୱତ ଭଣ୍ଡାରକୁ ପରିପୃଷ୍ଟ ଏବଂ ସମୃଦ୍ଧ କରିଛି ବୋଲି ଉତ୍ସବର ମୁଖ୍ୟବକ୍ତା ପ୍ରେମାନନ୍ଦ ମହାପାତ୍ର ପ୍ରକାଶ କରିଥିଲେ। ଏହି ସମାବେଶରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ତଥା ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ନାୟକ ପୌରୋହିତ୍ୟ କରି ଓଡ଼ିଆ ହାସ୍ୟ ଓ କାବ୍ୟ ସାହିତ୍ୟ ଧାରାରେ ହାସ୍ୟରସିକ ଆଶୁକବି ଯଦୁମଣି ଏକ ନୂତନ ଦିଗନ୍ତ ସୃଷ୍ଟି କରିଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ବୌଦ୍ଧିକ ସମାରୋହର ପ୍ରଥମ ପର୍ଯ୍ୟାୟରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ୫୦ଜଣ ନବୀନ ଓ ପ୍ରବୀଣ କବି ଓ କବୟିତ୍ରୀ ଏଥିରେ କବିତା ପାଠ କରିଥିଲେ। ଏହି ସଭାରେ ଅତିଥି ଭାବେ ବିଶିଷ୍ଟ ପ୍ରବକ୍ତା ଶରଣାରବିନ୍ଦ ଓଝା, ଭଞ୍ଜ ତଥା ଯଦୁମଣି ସାହିତ୍ୟର ଜଣାଶୁଣା ଆଲୋଚକ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଚ୍ଚିଦାନନ୍ଦ ବେହେରା, ବ୍ୟଙ୍ଗକବି ରବୀନ୍ଦ୍ର ରାଉତ, ବ୍ରଜ ସୁବୁଦ୍ଧି ଏବଂ ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ଯଦୁମଣିଙ୍କ ଭଳି ପଥିତଯଶା ସାରସ୍ୱତ ପ୍ରତିଭାଙ୍କ ଯୋଗୁଁ ସମଗ୍ର ରାଜ୍ୟରେ ନୟାଗଡ଼ ଜିଲ୍ଲା ଗୌରବାନ୍ୱିତ ହୋଇଛି ବୋଲି ପ୍ରକାଶ କରିଥିଲେ।

# 'ବନ୍ତ'ଠାରେ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ଆୟୋଜିତ




ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉତ୍କଳ କେଶରୀ ସାହିତ୍ୟ ସଂସଦଙ୍କ ମିଳିତ ସହଯୋଗରେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ତା୦୮.୦୧.୨୦୨୨ରିଖ ଦିନ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ନାଟ୍ୟକାର ସୁଧାଂଶୁ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ତଥା ଏକାଡେମୀ ସଦସ୍ୟ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା, ପୂର୍ଣ୍ଣଚନ୍ଦ୍ର ବହଳୀ ସମ୍ମାନନୀୟ ଅତିଥି, ଶିଶୁସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକ, କବି ଗଣେଶ ପ୍ରସାଦ କରଶର୍ମା, ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ସାହିତ୍ୟିକ ଜଗନ୍ନାଥ ପାତ୍ର ଓ ନାରାୟଣ ଚନ୍ଦ୍ର ଲେଙ୍କା ପ୍ରଭୃତି ଯୋଗ ଦେଇଥିଲେ । ପ୍ରାଧ୍ୟାପକ ରାଜକିଶୋର ଆଚାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରମାକାନ୍ତ ଜେନାଙ୍କ ସଂଚାଳନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଊର୍ଦ୍ଧ୍ୱ କିଶୋର ଓ କିଶୋରୀମାନେ କବିତା ପାଠ କରିଥିଲେ । ଏହି ଅବସରରେ ବନ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ ଆଧାରିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଭାସ୍କର ଚନ୍ଦ୍ର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ସାରସ୍ୱତ ଆସର

## ଓଡ଼ିଆ ଭାଷା ଓ ସାହିତ୍ୟକୁ କେନ୍ଦୁଝର ଜିଲ୍ଲାର ସ୍ୱତନ୍ତ୍ର ଅବଦାନ ରହିଛି




ଓଡ଼ିଆ ଭାଷା ଓ ସାହିତ୍ୟକୁ କେନ୍ଦୁଝର ଜିଲ୍ଲାର ଏକ ସ୍ୱତନ୍ତ୍ର ଅବଦାନ ରହିଛି ବୋଲି ତା୦୮.୦୧.୨୦୨୨ରିଖ ଦିନ ଜିଲ୍ଲାସ୍ତରୀୟ ସାରସ୍ୱତ ଆସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ହୃଷୀକେଶ ମଲ୍ଲିକ ପ୍ରକାଶ କରିଛନ୍ତି। 'ଓଡ଼ିଆ ଭାଷା ଓ ସାହିତ୍ୟ ଗଠନରେ କେନ୍ଦୁଝରର ଭୂମିକା' ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମିଳନୀ ସାହିତ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଦ୍ୟାଧର ବେହେରା କେନ୍ଦୁଝରକୁ ନେଇ ସାହିତ୍ୟ କେବଳ ରାଜ୍ୟ ମଧ୍ୟରେ ନୁହେଁ ରାଜ୍ୟ ବାହାରର ସ୍ରଷ୍ଟାଙ୍କ ଦ୍ୱାରା ବହୁଳ ଭାବେ ସମୃଦ୍ଧ ହୋଇଛି ଓ ପ୍ରାକ୍ ସ୍ୱାଧୀନତା କାଳରୁ ଏହା ବେଶ୍ ସମୃଦ୍ଧ ଓ ପରିପୃଷ୍ଟ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ବିଶିଷ୍ଟ କବି ପିନାକୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରେଣ୍ୟ ବକ୍ତାଭାବେ ରାମଚନ୍ଦ୍ର ନାୟକ, ସମ୍ମାନନୀୟ ବକ୍ତା ଭାବେ ଦେବାଶିଷ ଚକ୍ରବର୍ତ୍ତୀ, ଶିଶିର ବେହେରା ଓ ଗଦାଧର ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଭାମୁଖ୍ୟ ଭାବେ ମିଳନୀ ସାହିତ୍ୟ ସଂସଦର ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନନୀୟ ଅତିଥି ଭାବେ ସୁନୀଲ ରଥ, ଅଶୋକ କୁମାର ପୁହାଣ ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଇନ୍ଦୁମତୀ ପାତ୍ର, କୁଳମଣି ମେହେର ଓ ଅନୀତା ପାଣିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଅନେକ ଲବ୍ଧପ୍ରତିଷ୍ଠ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଦେବଦର୍ଶନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମୌଖିକ ସାହିତ୍ୟ ଲିଖିତ ସାହିତ୍ୟକୁ ମନଛୁଆଁ କରିଥାଏ




ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ନୂଆପଡ଼ା ଜିଲ୍ଲାର ମୌଖିକ ସାହିତ୍ୟକୁ ନେଇ ତା୦୯.୦୧.୨୦୨୨ରିଖ ଦିନ ଏକ ଆଲୋଚନାଚକ୍ର ସ୍ଥାନୀୟ କଲ୍ୟାଣମଣ୍ଡପ-୨ରେ ଅନୁଷ୍ଠିତ ହୋଇଛି। ଏକାଡେମୀ ସଦସ୍ୟା ଅଧ୍ୟାପିକା ସୁରେଶ୍ୱରୀ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗବେଷକ ଜିତାମିତ୍ର ପ୍ରସାଦ ସିଂଦେଓ ଯୋଗଦେଇ ଓଡ଼ିଆ ମୌଖିକ ସାହିତ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ମହେନ୍ଦ୍ର କୁମାର ମିଶ୍ର ନୂଆପଡ଼ା ଜିଲ୍ଲାର ମୌଖିକ ଉପରେ ଆଲୋକପାତ କରିବା ସହିତ ଲୋକମୁଖରେ ବଞ୍ଚିଥିବା ସାହିତ୍ୟ ହିଁ ଲିଖିତ ସାହିତ୍ୟକୁ ପ୍ରେରଣା ଯୋଗାଇଥାଏ ବୋଲି ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ। ମୌଖିକ ସାହିତ୍ୟକୁ ବଞ୍ଚାଇବା ପାଇଁ ସବୁ ପ୍ରକାର ଉଦ୍ୟମର ଆବଶ୍ୟକତା ଉପରେ ସମ୍ମାନନୀୟ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ଫଣିନ୍ଦ୍ରମ ସିଂଦେଓ, ସମ୍ମାନନୀୟ ବକ୍ତା ପୁଷ୍ପଲତା ରଥ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଅଧିବେଶନରେ କବି ଗୌରାଙ୍ଗ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଶିବପ୍ରସାଦ ସା ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ନନ୍ଦଲାଲ ବାରିକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଗୌରାଙ୍ଗ ସାହୁ, କବୟତ୍ରୀ ମନୋରମା ରଥ ଓ ନିକିତା ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ନୂଆପଡା ଜିଲ୍ଲାର ଏକାଡେମୀ ସଦସ୍ୟା ସୁରେଶ୍ୱରୀ ବାଗ୍ ଅଧ୍ୟକ୍ଷତା କରିଥିଲେ। ନିକିତା ମହାନ୍ତି ଅତିଥି ପରିଚୟ ଦେଇଥିଲେ। କବି ବୈଷ୍ଣବ ମେହେର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଖଡ଼ିଆଳର ସାରସ୍ୱତ ସାଧକ ସ୍ୱର୍ଗତ ନଟରାଜ ମହାପାତ୍ର ଏବଂ ଇରଫାନ ମହମ୍ମଦଙ୍କ ଅମର ଆତ୍ମାର ସଦଗତି ଲାଗି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଓଡ଼ିଆ ସାହିତ୍ୟର ଯଶସ୍ୱୀ କଥାକାର ଭୁବନେଶ୍ୱର ବେହେରା



ଗ୍ରାମ୍ୟ ଓ ରମ୍ୟ ରଚନା ଶୈଳୀରେ କଥାଶିଳ୍ପୀ ଭୁବନେଶ୍ୱର ବେହେରା ଯୁଗସ୍ରଷ୍ଟା ଲେଖକ ଥିଲେ। ଗ୍ରାମ୍ୟ ଜୀବନର ନିଛକ ପ୍ରତିଛବି ତାଙ୍କର ପ୍ରତ୍ୟେକଟି ସାରସ୍ୱତ ସୃଷ୍ଟିରେ ଅତି ନମନୀୟ ଢ଼ଙ୍ଗରେ ପ୍ରତିଫଳିତ ହୋଇଥାଏ। ପ୍ରବନ୍ଧ, ଗଳ୍ପ ଓ ଉପନ୍ୟାସରେ ସେ ଜଣେ ସଫଳ ସାରସ୍ୱତ ସାଧକ। ତାଙ୍କର ସାରସ୍ୱତ ସୃଷ୍ଟିଗୁଡିକୁ ବିଭିନ୍ନ ଭାଷାରେ ଅନୂଦିତ କରିବା ନିମନ୍ତେ ଉଦ୍ୟମ ହେବା ଆବଶ୍ୟକ ବୋଲି ଭବାନୀପାଟଣା ସହରସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମ୍ମିଳନୀ କକ୍ଷଠାରେ ତା ୦୯.୦୧.୨୦୨୨ରିଖ ଦିନ ଆୟୋଜିତ ଓଡ଼ିଶା ସାହିତ୍ୟ ଏକାଡେମୀର 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମହାବୀର ସାଂସ୍କୃତିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ କଥାଶିଳ୍ପୀ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଜୟନ୍ତୀ ଉପଲକ୍ଷେ ଏହି ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏକାଡେମୀର ସଦସ୍ୟ ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆମ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ତଥା ବରିଷ୍ଠ ସାରସ୍ୱତ ସାଧକ ରାସବିହାରୀ ବେହେରା ଏଥିରେ ମୁଖ୍ୟଅତିଥି, ଗବେଷକ ତଥା ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର ଓ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୟନ୍ତ ବେହେରା ସମ୍ମାନନୀୟ ଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ବେହେରାଙ୍କ ସାହିତ୍ୟ କୃତି ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ କବି ଜୟଦ୍ରଥ ସୁନା, ଦୀନବନ୍ଧୁ ସାହୁ, ବରିଷ୍ଠ ସାମ୍ବାଦିକ ଶାନ୍ତନୁ ବେହେରା, ଲଳିତ କାନୁନଗୋ, ଦେବେନ୍ଦ୍ର ବିଶି, ମଙ୍ଗଳୁ ମିଶ୍ର ଓ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ଯୋଗଦେଇ ପ୍ରଫେସର ବେହେରାଙ୍କ କାଳଜୟୀ ସାହିତ୍ୟ ସୃଷ୍ଟି ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ 'ଆଜାଦି କି ଅମୃତ ମହୋତ୍ସବ'ରେ ସର୍ବଭାରତୀୟ ସ୍ତରରେ ମନୋନୀତ ହୋଇଥିବା ଯୁବ ଗାଳ୍ପିକ ତିଲେଶ୍ୱର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭର୍ଚୁଆଲ ମୋଡ୍‌ରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ସୁନୀତି ମୁଣ୍ଡ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ପରିଶେଷରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ ଧନ୍ୟବାଦ ଦେଇଥିଲେ।

**ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ**

# ଗୋପାଳ ଛୋଟରାୟ ଓଡ଼ିଆ ନାଟକର ପ୍ରୟୋଗ ଓ ପରୀକ୍ଷାର ଅଗ୍ରଦୂତ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରର ମିଳିତ ଆନୁକୂଲ୍ୟରେ ତା୦୯.୦୧.୨୦୨୨ରିଖ ପୂର୍ବାହ୍ନ ୧୦.୦୦ ଘଟିକାରେ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଫୁଲ ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ପ୍ରଖ୍ୟାତ ନାଟ୍ୟକାର ଗୋପାଳ ଛୋଟରାୟଙ୍କୁ ଜନ୍ମଦେଇ ଏ ମାଟି ଗୌରବାନ୍ୱିତ ହୋଇଛି ବୋଲି କହିବା ସହ ତାଙ୍କ ରଚିତ ଗୀତିନାଟ୍ୟ ପାଇଁ ସେ କାଳଜୟୀ ହୋଇ ରହିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶରତଚନ୍ଦ୍ର ମହାରଣା ଓଡ଼ିଆ ନାଟ୍ୟ ସାହିତ୍ୟରେ ନାଟ୍ୟକାର ଗୋପାଳ ଛୋଟରାୟ ପ୍ରୟୋଗ ଓ ପରୀକ୍ଷାର ଅଗ୍ରଦୂତ ଥିବା ସଙ୍ଗେ ସଙ୍ଗେ ତାଙ୍କ ସୃଷ୍ଟି ନାଟ୍ୟ ସାହିତ୍ୟକୁ ମହାର୍ଘ କରିପାରିଛି ବୋଲି କହିଥିଲେ। ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଏବଂ ଗଙ୍ଗାଧର ଦାଶ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ବିଜୟ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ୱାଦଶ ଜାତୀୟ ମତଦାତା ଦିବସ ପାଳିତ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୫ ଜାନୁଆରୀ ୨୦୨୨ ପୂର୍ବାହ୍ଣ ୧୧.୦୦ ଘଟିକାରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀବୃନ୍ଦଙ୍କୁ ନେଇ ଏକ ସଂକଳ୍ପ ସଭା ଆୟୋଜିତ ହୋଇଥିଲା। ଏଥିରେ ଏକାଡେମୀ କର୍ମଚାରୀମାନେ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖି ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ଗାରିମାର ଟେକ ବଜାୟ ରଖିବା ସହିତ ନିର୍ଭୀକ ହୋଇ କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଯେ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ନିଜର ମତାଧିକାର ପ୍ରୟୋଗ କରିବାକୁ ସଂକଳ୍ପ କରିଥିଲେ।

# ଅଷ୍ଟମ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ



ନୂଆଦିଲ୍ଲୀସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍ 'ଦି ଇଣ୍ଟେଲେକ୍ଟସ' ପକ୍ଷରୁ ଆୟୋଜିତ ଅଷ୍ଟମ 'ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପ୍ରେକ୍ଷାଳୟରେ ତା୨୦.୦୨.୨୦୨୨ରିଖ ଓ ୨୧.୦୨.୨୦୨୨ରିଖ ଦୁଇ ଦିନ ଅନୁଷ୍ଠିତ ହୋଇଅଛି। ସମ୍ମିଳନୀର ଆବାହକ ତଥା ସଂଗଠନର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହନରେ ଆୟୋଜିତ ସମ୍ମିଳନୀକୁ ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ରମାକାନ୍ତ ରଥ ଉଦ୍‌ଘାଟନ କରିଥିଲେ। ଭଗବାନ ପ୍ରକାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ରାଜନେତା ପ୍ରସନ୍ନ କୁମାର ପାଟଶାଣୀ, କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷାର ଆବାହକ ବିଜୟାନନ୍ଦ ସିଂହ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ୍ ସେଣ୍ଟରର ପ୍ରଭାରୀ ମଧୁମିତା ରାଉତ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଭାରତୀୟ ଶାସ୍ତ୍ରୀୟ ଭାଷା ଓ ଅନେକ ରାଜ୍ୟ ଭାଷାର ବିଶେଷଜ୍ଞମାନେ ଯୋଗଦେଇ ମାତୃଭାଷାର ଉନ୍ନତି ନିମନ୍ତେ ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଓଡ଼ିଆ ଭର୍ଚୁଆଲ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦ଟି ଦେଶରୁ ଊର୍ଦ୍ଧ୍ୱ ପ୍ରବାସୀ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିତ୍ୱ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ସେମାନଙ୍କର ସ୍ୱ ସ୍ୱ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ଆଦିକବି ସାରଳା ଦାସଙ୍କୁ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦୀର୍ଘବର୍ଷ ଧରି ଜଗତସିଂହପୁର ଜିଲ୍ଲା ତେନ୍ତୁଳିପଦା ଠାରେ ସାରଳାଙ୍କ ସମାଧି ପୀଠରେ ପାଳନ କରାଯାଇ ଆସୁଥିବା ସାରଳା ଶ୍ରାଦ୍ଧୋତ୍ସବ ଚଳିତ ବର୍ଷ ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ସ୍ଥଗିତ ରହିଥିଲା। ତେବେ ସାରଳାଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପବିତ୍ର ମାଘ ସପ୍ତମୀ ତିଥି ୭ ଫେବୃଆରୀ ୨୦୨୨ରିଖ ପୂର୍ବାହ୍ଣରେ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପ ସମ୍ମୁଖରେ ସ୍ଥାପିତ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତୀରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶୁଦ୍ରମୁନୀଙ୍କ ଅମ୍ଳାନ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ସରକାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ବଦ୍ଧ ପରିକର ବୋଲି ସେଠାରେ ଉପସ୍ଥିତ ଏକାଡେମୀ ପରିବାର ପକ୍ଷରୁ ବ୍ୟକ୍ତ କରାଯାଇଥିଲା।

# ଅରବିନ୍ଦ ପଟ୍ଟନାୟକଙ୍କୁ ସାହିତ୍ୟ ଭାରତୀ



ଗଙ୍ଗାଧର ରଥ ଫାଉଣ୍ଡେସନର ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୨' ବିଶିଷ୍ଟ ସାହିତ୍ୟିକ ଅରବିନ୍ଦ ପଟ୍ଟନାୟକଙ୍କୁ ପ୍ରଦାନ ପାଇଁ ସ୍ଥିର ହୋଇଛି। ଶ୍ରୀ ପଟ୍ଟନାୟକ ଲୋକକଥା ଓ ଲୋକ ପରମ୍ପରା ଉପରେ ଅନେକ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, କବିତା, ଆତ୍ମଜୀବନୀ ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ବହୁଭାବରେ ଋଦ୍ଧିମନ୍ତ କରିଛନ୍ତି। ଏପ୍ରିଲ ୦୩, ୨୦୨୨ରିଖ ଦିନ କଟକ କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହେବାକୁ ଥିବା ସାରସ୍ୱତ ସମାରୋହରେ ଉକ୍ତ ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କା ଓ କୋଣାର୍କ କଳାକୃତିର ଏକ ପ୍ରତିରୂପ ପ୍ରବୀଣ ଲେଖକ ଅରବିନ୍ଦ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ସେ ଏଥିପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ଏହି ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ' ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ବରିଷ୍ଠ ସାହିତ୍ୟିକ ଅରବିନ୍ଦ ପଟ୍ଟନାୟକଙ୍କୁ ଏଥିପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

## ସ୍ମୃତିତର୍ପଣ

# ସାହିତ୍ୟିକ ପଞ୍ଚାନନ ମିଶ୍ରଙ୍କ ପରଲୋକ



କବି ଓ ସମାଲୋଚକ ପଞ୍ଚାନନ ମିଶ୍ରଙ୍କର ୧୨ ଫେବୃଆରୀ, ୨୦୨୨ରିଖ ପୂର୍ବାହ୍ନ ୬.୦୦ ଘଟିକାରେ ହୃଦଘାତରେ ସମ୍ବଲପୁରଠାରେ ପରଲୋକ ହୋଇଛି। ପ୍ରବନ୍ଧ ଓ ସମାଲୋଚନା ତଥା କବିତାବିଭାଗରେ ସେ ଥିଲେ ଜଣେ ଅନନ୍ୟ ସ୍ରଷ୍ଟା। ଓଡ଼ିଆ ସାହିତ୍ୟକୁ ଅତୁଳନୀୟ ଅବଦାନ ପାଇଁ ତଥା ଆଜୀବନ ସାରସ୍ୱତ ସାଧନା ନିମନ୍ତେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବୟୋଜ୍ୟେଷ୍ଠ ସାରସ୍ୱତ ସମ୍ବର୍ଦ୍ଧନା ଲାଭ କରିଥିଲେ। ତାଙ୍କ ଲିଖିତ 'ସାହିତ୍ୟ ସମାଲୋଚନା ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ' ପୁସ୍ତକ ପାଇଁ ସେ ୨୦୧୫ ମସିହାର ପ୍ରବନ୍ଧ ଓ ସମାଲୋଚନା ବିଭାଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପ୍ରାପ୍ତ ହୋଇଥିଲେ। ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗରେ ସେ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଅଧ୍ୟାପକ ଭାବେ ଦାୟିତ୍ୱ ନିର୍ବାହ କରି ଜଣେ ଆଦର୍ଶ ଗୁରୁ ଭାବରେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଥିତଯଶା ପ୍ରାବନ୍ଧିକ ପଞ୍ଚାନନ ମିଶ୍ରଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇ ତାଙ୍କ ଅମର ଆତ୍ମାପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ଶିବ ପ୍ରସାଦ ତ୍ରିପାଠୀଙ୍କ ଇହଲୀଳା ସମ୍ବରଣ



ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶିବ ପ୍ରସାଦ ତ୍ରିପାଠୀ (୭୦)ଙ୍କ ପରିଲୋକ ହୋଇଯାଇଛି। ତା୨୩.୦୨.୨୦୨୨ରିଖ ଅପରାହ୍ନରେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ପାଖ ନିଜ ବାସଭବନରେ ତାଙ୍କ ପରଲୋକ ଘଟିଛି। କିଛିଦିନ ପୂର୍ବରୁ ସେ ମସ୍ତିଷ୍କଘାତରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଶିବ ପ୍ରସାଦ ୧୯୫୨ ମସିହା ମାର୍ଚ୍ଚ ୧୨ ତାରିଖ ହୀରାକୁଦ ଜଳଭଣ୍ଡାରରେ ଜଳମଗ୍ନ ହୋଇଥିବା ଲର୍ବଙ୍ଗା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ହୀରାଖଣ୍ଡ, ପ୍ରଜାତନ୍ତ୍ର, କୋଶଳ, ଲୋକସ୍ୱର, ଦିନଲିପି, ମୁକ୍ତଦିଶା ଭଳି ବିଭିନ୍ନ ସମ୍ବାଦପତ୍ରରେ ସାମ୍ବାଦିକତା କରିବା ସହିତ 'ବର୍ତ୍ତମାନ' ନାମରେ ଏକ ପତ୍ରିକାର ସମ୍ପାଦନା କରିଥିଲେ। 'ସମ୍ବାଦପତ୍ରର ବିକାଶ ଓ ସାମ୍ବାଦିକତା', 'କାଳଜୟୀ ମହତାବ', 'ମେହେର ସାହିତ୍ୟ ସଂପଦ', 'କରୁଣାମୟୀ ସମଲେଶ୍ୱରୀ', 'ସମ୍ବଲପୁରରେ ଓଡ଼ିଆ ଭାଷାର ଉଚ୍ଛେଦ ଓ ପୁନଃ ପ୍ରଚଳନ', 'ଭାଷାପ୍ରେମୀ ଶ୍ରୀପତି ମିଶ୍ର' ସମେତ ବହୁ ପୁସ୍ତକ ରଚନା କରିଯାଇଛନ୍ତି। ସେ 'ମଙ୍ଗଳୁଚରଣ ରଚନାବଳୀ' ଏବଂ 'ରାମଚନ୍ଦ୍ର ନାଥ ଗ୍ରନ୍ଥାବଳୀ'ର ସଂକଳକ ଅଟନ୍ତି। ସେ ଭୁବନେଶ୍ୱର ଦୟାନନ୍ଦ ସର୍ଭିସ ମିସନ ପକ୍ଷରୁ ଗୁରୁ ପ୍ରଣାମ ସମ୍ମାନ, କଟକରୁ ଜଷ୍ଟିସ୍ ରାଜକିଶୋର ଦାସ ସମ୍ମାନ, କେନ୍ଦ୍ରାପଡ଼ାରୁ ସତୀର୍ଥ ସମ୍ମାନ, ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘ ସମେତ ରାଜ୍ୟର ବହୁ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ହୋଇଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି, ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦାୟିତ୍ୱ ନିର୍ବାହ କରିଥିବା ଶିବପ୍ରସାଦ ପଞ୍ଚଶାସନୀ ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ସଦସ୍ୟ ବି ଥିଲେ। ଏକାଡେମୀ ପରିବାର ସଦସ୍ୟ ଶିବପ୍ରସାଦଙ୍କ ବିୟୋଗରେ ଏକାଡେମୀ ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇ ସ୍ୱର୍ଗତ ତ୍ରିପାଠୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଏକାଡେମୀର ପ୍ରାକ୍ତନ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି



ବିଶିଷ୍ଟ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ସାଂସଦ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହେମାନନ୍ଦ ବିଶ୍ୱାଳଙ୍କ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ବିୟୋଗ ଘଟିଛି। ସ୍ୱର୍ଗତ ବିଶ୍ୱାଳ ୧୯୯୯ରୁ ୨୦୦୦ ପର୍ଯ୍ୟନ୍ତ ଏକାଡେମୀର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ସଭାପତି ଥିବା ସମୟରେ ଅନେକ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କ ବିୟୋଗରେ ଆୟୋଜିତ ଶୋକ ସଭାରେ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ, ଉପସଭାପତି ସଂଗ୍ରାମ ଜେନା ଓ ସଚିବ ପ୍ରବୋଧ କୁମାର ରାଉତ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରି ତାଙ୍କ ବିୟୋଗ ଓଡ଼ିଆ ସଂସ୍କୃତି ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଦର୍ଶାଇଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ସ୍ମୃତିତର୍ପଣ

# ଏକାଡେମୀର ପ୍ରାକ୍ତନ ସଚିବ ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା



ଆଧୁନିକ ଓଡ଼ିଆ କବିତାର ଯଶସ୍ୱୀ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକ ୧୬ ଫେବୃଆରୀ ୨୦୨୨ ଅପରାହ୍ଣ ୩.୦୦ ଘଟିକାରେ ଭୁବନେଶ୍ୱରସ୍ଥ ଏକ ବେସରକାରୀ ଡାକ୍ତରଖାନାରେ ଶେଷ ନିଶ୍ୱାସ ତ୍ୟାଗ କରିଅଛନ୍ତି। ଗଞ୍ଜାମ ଜିଲ୍ଲା ବିକ୍ରମପୁରରେ ୧୯୫୩ ମସିହାରେ ଜନ୍ମିତ ହରପ୍ରସାଦଙ୍କୁ ମୃତ୍ୟୁ ବେଳକୁ ୬୮ ବର୍ଷ ବୟସ ହୋଇଥିଲା। ଇଂରାଜୀରେ ସ୍ନାତକୋତ୍ତର ଉପାଧି ହାସଲ ପରେ ସେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଅଧ୍ୟାପକ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଓଡ଼ିଆ କବିତା ଉପରେ ଉଚ୍ଚତର ଗବେଷଣା କରି ସେ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଉପାଧି ପ୍ରାପ୍ତ ହୋଇଥିଲେ। ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପନା ଦାୟିତ୍ୱ ନିର୍ବାହ କରିବା ସଙ୍ଗେ ସଙ୍ଗେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବରେ ଦୁଇ ପର୍ଯ୍ୟାୟରେ ଯଥାକ୍ରମେ ୧୯୯୬ ରୁ ୧୯୯୯ ଏବଂ ୨୦୦୭ ରୁ ୨୦୧୦ ପର୍ଯ୍ୟନ୍ତ କାର୍ଯ୍ୟ ସହିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଏବଂ ପରେ ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ପ୍ରକାଶନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଦବୀ କିଛି ବର୍ଷ ମଣ୍ଡନ କରିଥିଲେ। ଓଡ଼ିଆ ତଥା ଇଂରାଜୀ ସାହିତ୍ୟର ସେ ଜଣେ ଧୂରୀଣ ଲେଖକ ଥିଲେ। କବିତା ରଚନା ଓ ଅନୁବାଦ କ୍ଷେତ୍ରରେ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ସେ ସାଧନାରତ ଥିଲେ। ତାଙ୍କ ରଚିତ କବିତା ସଂକଳନ ମଧ୍ୟରେ ଏକା ଏକା ସନ୍ୟାସୀ, ଅଥୟ ସୂର୍ଯ୍ୟ, ଆୟୁଷ୍ମାନ ସମୟ, ସବୁ ଅନ୍ଧାର ଆଜି ରାତିରେ, ଜୀବନଜଂଘା, ଅରଣ୍ୟରେ ଯେତେଦିନ ଏବଂ ନଷ୍ଟ ହୋଇଯିବାର ମୋହ ଆଦି ଉଲ୍ଲେଖନୀୟ ପୁସ୍ତକ। ଡ. ପରିଚ୍ଛା ପଟ୍ଟନାୟକ ଇଂରାଜୀ ପ୍ରତିକା 'ପ୍ରୋବିଟାସ', 'ଭର୍ଟେକ୍ସ' ଏବଂ ଓଡ଼ିଆ ସାହିତ୍ୟ ପତ୍ରିକା 'ଆବର୍ତ୍ତ'ର ସଂପାଦକ ଭାବେ କିଛି କାଳ କାର୍ଯ୍ୟ କରିବା ସହିତ ସମ୍ବାଦଗ୍ରୁପରୁ ପ୍ରକାଶିତ ଇଂରାଜୀ ସମ୍ବାଦପତ୍ର 'ସନଟାଇମସ୍' ସଂପାଦନା ସହ ଦୀର୍ଘକାଳ ଜଡ଼ିତ ଥିଲେ। ଅଧ୍ୟାପନା ବୃତ୍ତିରୁ ସେବାନିବୃତ ପରେ ସେ ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଦୈନିକ ଓଡ଼ିଆ ଖବରକାଗଜ 'ସର୍ବସାଧାରଣ'ର ସଂପାଦକ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ ରଚିତ କବିତା ସଂକଳନ 'ନଷ୍ଟ ହୋଇଯିବାର ମୋହ' ପାଇଁ ସେ ୨୦୧୨ ମସିହାରେ ମର୍ଯ୍ୟାଦାବନ୍ତ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବ୍ୟତୀତ ସେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଦତ୍ତ ଗଙ୍ଗାଧର ମେହେର କବିତା ସମ୍ମାନ ଓ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ସହିତ ଅନେକ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ପ୍ରାପ୍ତ ହୋଇଛନ୍ତି। ଡକ୍ଟର ପରିଚ୍ଛା ପଟ୍ଟନାୟକ ଏକାଡେମୀର ସଚିବ ପଦବୀରେ ଅବସ୍ଥାପିତ ଥିବା ସମୟରେ ୨୦୦୭ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଏହି ସମାରୋହ ପ୍ରଥମ କରି ସାରା ରାଜ୍ୟର ସମସ୍ତ ଜିଲ୍ଲାରେ ଏବଂ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ସାରସ୍ୱତ ଉତ୍ସବ ପାଳନ ମଧ୍ୟରେ ସମ୍ପନ୍ନ ହୋଇଥିଲା।



ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ କବି ହରପ୍ରସାଦଙ୍କ ବିୟୋଗରେ ଆଜି ଏକାଡେମୀ ପରିସରରେ ଏକ ଶୋକସଭା ଆୟୋଜନ କରାଯାଇ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ତାଙ୍କ ପ୍ରତି ଏକାଡେମୀର ଗଭୀର ସମ୍ମାନ ପ୍ରଦର୍ଶନ ପୂର୍ବକ ତାଙ୍କ ପବିତ୍ର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏକାଡେମୀ ପକ୍ଷରୁ ଆହୂତ ଶୋକସଭାରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଓ ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ, କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ସାଧାରଣ ପରିଷଦ ସଦସ୍ୟ ଡକ୍ଟର ଅଭୟ ବାରିକ, ଡକ୍ଟର ବିବେକାନନ୍ଦ ପରିଗ୍ରାହୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଡକ୍ଟର ପ୍ରେମାନନ୍ଦ ମହାପାତ୍ର, ଡକ୍ଟର ଫଣୀନ୍ଦ୍ରଭୂଷଣ ନନ୍ଦ ଓ ରେଜିଷ୍ଟ୍ରାର ନାଇଜର ଡକ୍ଟର ଅଭୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ସୁଖ୍ୟାତକବି ହରପ୍ରସାଦଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ବୋଲି ଶୋକସଭାରେ ମତପ୍ରକାଶ ପାଇଥିଲା।

# ଓଡ଼ିଆ ଭାଷା ଓ ସାହିତ୍ୟକୁ ସମ୍ବଲପୁରର ଦାନ ଅତୁଳନୀୟ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୦୯.୦୧.୨୦୨୨ରିଖରେ ସମ୍ବଲପୁରସ୍ଥ ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହଠାରେ ଜିଲ୍ଲାସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ସାହିତ୍ୟକୁ ସମ୍ବଲପୁର ଜିଲ୍ଲାର ଦାନ ଅତୁଳନୀୟ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମାନନୀୟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରଘୁନାଥ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାଳଜୟୀ ସାହିତ୍ୟ ସୃଷ୍ଟି ପାଇଁ କବି ଲେଖକମାନେ ସର୍ଜନାତ୍ମକ କାର୍ଯ୍ୟରେ ନିଷ୍ଠବାନ ହେବା ଆବଶ୍ୟକ ବୋଲି ମତ ରଖିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଅଧ୍ୟକ୍ଷ, ଶ୍ୟାମ ଭୋଇ, ସୁରଜମଲ କଲେଜର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା ଯଥାକ୍ରମେ ମୁଖ୍ୟବକ୍ତା ଓ ସମ୍ମାନିତ ବକ୍ତା ଭାବେ ଏଥିରେ ଯୋଗଦେଇଥିଲେ । ସଭାମୁଖ୍ୟ ଡ. ମେହେରଙ୍କ ଦ୍ୱାରା ରଚିତ 'ଭୀମଭୋଇ କାବ୍ୟଚର୍ଚ୍ଚା' ଗ୍ରନ୍ଥ ଏହି ଅବସରରେ ଉନ୍ମୋଚିତ ହୋଇଥିଲା । ସମାରୋହର ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶିବପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ 'ଓଡ଼ିଆ ସାହିତ୍ୟରେ ଆଦିବାସୀ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ଶିବପ୍ରିୟା ମିଶ୍ର, ଅଶୋକ କୁମାର ମହାପାତ୍ର ଓ ଦେବାଶିଷ ପାଣିଗ୍ରାହୀ ଓଡ଼ିଆ ଉପନ୍ୟାସ କବିତା ଓ କ୍ଷୁଦ୍ରଗଳ୍ପରେ ଆଦିବାସୀ ସଂସ୍କୃତି କିଭଳି ରହିଛି, ତାହାର ଚର୍ଚ୍ଚା କରିଥିଲେ । ତୃତୀୟ ଅଧିବେଶନରେ କବି ସୌଭାଗ୍ୟବନ୍ତ ମହାରଣା ସାଂପ୍ରତିକ ଓଡ଼ିଆ କବିତାର ସ୍ଥିତି ଓ ଭବିଷ୍ୟତ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମନୋଜ ପଣ୍ଡା, ଦୁର୍ଗା ପ୍ରସାଦ ପଣ୍ଡା, ସରୋଜ ମହାନ୍ତି, ଅଶୋକ ମହାପାତ୍ର, ଅଶୋକ ପଶାୟତ, ଦାଶରଥି ସାହୁ, ରୀନାକୁମାର ମେହେର, ଶାନ୍ତିଲତା, ସୌଭାଗ୍ୟବନ୍ତ ମହାରଣା, ଲକ୍ଷ୍ମୀ ନାରାୟଣ ହୋତା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ରଘୁନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# 'କୋଣାର୍କ'ର ମନୋଜ ଦାସ ବିଶେଷ ସଂଖ୍ୟା ଉନ୍ମୋଚିତ



ଓଡ଼ିଶା ସାହିତ୍ୟ ଏକାଡେମୀର ତ୍ରୈମାସିକ ସାହିତ୍ୟ ମୁଖପତ୍ର 'କୋଣାର୍କ'ର ୨୦୩ତମ ସଂଖ୍ୟା ମନୋଜ ଦାସ ବିଶେଷ ସଂଖ୍ୟା ଭାବେ ପ୍ରକାଶ ପାଇଅଛି । ୨୭ ଫେବୃଆରୀ ୨୦୨୨ ଦିନ ମନୋଜ ଦାସଙ୍କ ଜନ୍ମଦିନ । ଏହି ଅବକାଶରେ ଏକାଡେମୀ ପରିସରରେ ଉକ୍ତଦିନ ମନୋଜ ଦାସ ବିଶେଷ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା । ଉନ୍ମୋଚନ ଅବସରରେ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ, ଉପସଭାପତି ସଂଗ୍ରାମ ଜେନା ଏବଂ ସଚିବ ପ୍ରବୋଧ କୁମାର ରାଉତ ଆଦି ଉପସ୍ଥିତ ଥିଲେ । ଏହି ବିଶେଷ ସଂଖ୍ୟାରେ ମନୋଜ ଦାସଙ୍କ ବ୍ୟକ୍ତିଗତ ଓ ସାରସ୍ୱତ ଜୀବନର ସ୍ମୃତିଚାରଣ ସହ ତାଙ୍କ କୃତିତ୍ୱର ବିଶ୍ଳେଷଣ ତାଙ୍କ ଅନୁଗାମୀ ଓ ବିଭିନ୍ନ ପ୍ରତିଷ୍ଠିତ ଆଲୋଚକଙ୍କ ଦ୍ୱାରା କରାଯାଇଅଛି । ଆମ ସଂସ୍କୃତିର ମୂଳ ଆଧାରକୁ ଭିତ୍ତିକରି ମନୋଜ ଦାସଙ୍କ ସୃଷ୍ଟି ବିଶ୍ୱସ୍ତରରେ ସମଗ୍ର ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଉପଲବ୍ଧି ବୋଲି ଉନ୍ମୋଚିତ ସଭାରେ ମତ ପ୍ରକାଶ ପ୍ରକାଶ ପାଇଥିଲା


ମୁଖ୍ୟ ସମ୍ପାଦକ
ହୃଷୀକେଶ ମଲ୍ଲିକ

ସମ୍ପାଦକ
ସଂଗ୍ରାମ ଜେନା

ସମ୍ପାଦନା ମଣ୍ଡଳୀ
ନୃସିଂହ ଷଡ଼ଙ୍ଗୀ, ପ୍ରସନ୍ନ କୁମାର ସ୍ୱାଇଁ, ଶୁଭଶ୍ରୀ ଲେଙ୍କା, ଚନ୍ଦ୍ରଶେଖର ହୋତା

ପରିଚାଳନା ସମ୍ପାଦକ
ପ୍ରବୋଧ କୁମାର ରାଉତ

ୱେବସାଇଟ୍:www.odishasahityaakademi.org, ଇ-ମେଲ:odishasahityaakademi@gmail.com
ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କଟକସ୍ଥିତ 'ମେସର୍ସ କର ପ୍ରିଣ୍ଟ' ଦ୍ୱାରା ମୁଦ୍ରିତ ।